# NATIONAL NEWS BULLETIN (ODIA)
## 29 July - 2026
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ଲୋକସଭାର ଅନୁମୋଦନ ଲାଭ କଲା ସାର୍ବଜନୀନ ପରୀକ୍ଷା ଅସାଧୁ ଉପାୟ ନିବାରଣ ସଂଶୋଧନ ବିଧେୟକ-୨୦୨୬

– ଜାତୀୟ ସମ୍ମାନ ଅବମାନନା ପ୍ରତିରୋଧ ସଂଶୋଧନ ବିଧେୟକ-୨୦୨୬ ରାଜ୍ୟସଭାରେ ପାରିତ

- ନିଶାମୁକ୍ତ ଭାରତ ଗଠନ ନେଇ ଆସନ୍ତା ରବିବାର ଦେଶବ୍ୟାପୀ ୧୦୦ ସପ୍ତାହର ଜନଭାଗିଦାରୀ ଆନ୍ଦୋଳନର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ
- ବିଗତ ଆର୍ଥିକ ବର୍ଷରେ ଦେଶର ସାମଗ୍ରୀକ ରପ୍ତାନୀ ୮୬୩ ଦଶମିକ ୧ ବିଲିୟନ ଆମେରିକୀୟ ଡଲାର
- ଜାତୀୟ ରାଜଧାନୀ ଦିଲ୍ଲୀ ଅଞ୍ଚଳରେ ବାୟୁ ଗୁଣବତ୍ତା ହ୍ରାସ ସମସ୍ୟାର ସମାଧାନ ପାଇଁ 'ପରିବର୍ତ୍ତନ' କାର୍ଯ୍ୟକ୍ରମକୁ ସରକାରଙ୍କ ମଞ୍ଜୁରୀ

ଏବଂ

- ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୫୧ କିଲୋଗ୍ରାମ ବର୍ଗରେ ସେମିଫାଇନାଲରେ ପ୍ରବେଶ କଲେ ଭାରତୀୟ ମହିଳା ମୁଷ୍ଟିଯୋଦ୍ଧା ସାକ୍ଷୀ ଚୌଧୁରୀ

## ଏଲ୍‌ଏସ୍– ଏକ୍ସାମ୍ ବିଲ୍ ପାସ୍‌ଡ

ଲୋକସଭାରେ ଆଜି ସାର୍ବଜନୀନ ପରୀକ୍ଷା ଅସାଧୁ ଉପାୟ ନିବାରଣ ସଂଶୋଧନ ବିଧେୟକ-୨୦୨୬ ପାରିତ ହୋଇଛି । ଏହି ବିଲ୍ ସାର୍ବଜନୀନ ପରୀକ୍ଷା ଅସାଧୁ ଉପାୟ ପ୍ରତିରୋଧ ଅଧିନିୟମ-୨୦୨୪ର ସଂଶୋଧନ ପାଇଁ ଉଦ୍ଦିଷ୍ଟ । ଏହି ବିଲ୍‌ରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରାବଧାନ ଅନ୍ତର୍ଭୁକ୍ତ କରାଯାଇଛି । ୧୦ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ, ୧୦ କୋଟି ପର୍ଯ୍ୟନ୍ତ ଜରିମାନା ଏବଂ ଦୋଷୀ ସାବ୍ୟସ୍ତ ହୋଇଥିବା ଅପରାଧିଙ୍କ ସମ୍ପତ୍ତି ବାଜ୍ୟାପ୍ତି ଭଳି କଠୋର ଦଣ୍ଡର ବ୍ୟବସ୍ଥା ଏହି ବିଲ୍‌ରେ ରହିଛି । ମାମଲାଗୁଡ଼ିକର ତ୍ୱରିତ ନିଷ୍ପତ୍ତି ସୁନିଶ୍ଚିତ କରିବା ପାଇଁ ଏହି ଆଇନ ପ୍ରତ୍ୟେକ ରାଜ୍ୟ ସରକାର ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ପ୍ରଶାସନକୁ ଦୈନନ୍ଦୀନ ଶୁଣାଣି ପାଇଁ ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ କୋର୍ଟ ଗଠନ କରିବା ବାଧ୍ୟତାମୂଳକ କରିଛି । ଥାନାରେ ସୂଚନା ପଞ୍ଜୀକୃତ ହେବା ଦିନଠାରୁ ଦୁଇ ମାସ ମଧ୍ୟରେ ଅପରାଧର ତଦନ୍ତ ଶେଷ କରିବାକୁ ମଧ୍ୟ ଏଥିରେ ବ୍ୟବସ୍ଥା

ରହିଛି। ଚାର୍ଜସିଟ୍ ଦାଖଲ ହେବାର ତିନି ମାସ ମଧ୍ୟରେ ବିଚାର ପ୍ରକ୍ରିୟା ଶେଷ ହେବା ଜରୁରୀ।

ବିଲ୍ ଉପରେ ଚାଲିଥିବା ଆଲୋଚନାର ଉତ୍ତର ଦେଇ କାର୍ମିକ, ଜନଅଭିଯୋଗ ଏବଂ ପେନସନ୍ ବିଭାଗ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ଆଇନକୁ ଅଧିକ କଠୋର କରିବା ଏବଂ ତ୍ୱରିତ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ପାଇଁ ଏହି ସଂଶୋଧନ ଅଣାଯାଇଛି।

**V/O– JITENDRA-SINGH**

ବିରୋଧୀ ଦଳର ଆଚରଣକୁ ସମାଲୋଚନା କରି ଡକ୍ଟର ସିଂହ କହିଛନ୍ତି, ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା ସମୟରେ ବିରୋଧୀ ଦଳ ପରାମର୍ଶ ଦେବା ପରିବର୍ତ୍ତେ ରାଜନୀତି କରୁଛନ୍ତି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅସଂସଦୀୟ ଭାଷା ବ୍ୟବହାର କରିଥିବାରୁ ସେ ତାଙ୍କର ସମାଲୋଚନା କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ବିରୁଦ୍ଧରେ ଶ୍ରୀ ଗାନ୍ଧୀଙ୍କ ଅଭିଯୋଗର ଉତ୍ତର ଦେଇ ଡକ୍ଟର ସିଂହ କହିଛନ୍ତି, ସରକାର ବାରମ୍ବାର ସ୍ପଷ୍ଟ କରିଛନ୍ତି ଆନ୍ଦୋଳନକାରୀ ଛାତ୍ରଙ୍କ ଉପରେ କୌଣସି ଗୁଳି ଚଳାଯାଇନାହିଁ, କେବଳ ଲୁହବୁହା ଗ୍ୟାସ ବ୍ୟବହାର କରାଯାଇଥିଲା। ଯେହେତୁ କୌଣସି ଗୁଳିଚାଳନା ହୋଇନାହିଁ ତେଣୁ ନିର୍ଦ୍ଦେଶ ଜାରି କରିବାର ପ୍ରଶ୍ନ ଉଠୁନାହିଁ। ଏଭଳି ନିର୍ଦ୍ଦେଶ ଦେବାର ଅଧିକାର

ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ଥାଏ, ମନ୍ତ୍ରୀଙ୍କ ପାଖରେ ନୁହେଁ ବୋଲି ଡକ୍ଟର ସିଂହ କହିଛନ୍ତି।

ପୂର୍ବରୁ ଆଲୋଚନାରେ ଭାଗ ନେଇ ଜେ.ଡି.ୟୁ ସାଂସଦ ଦିଲେଶ୍ୱର କାମୈତ ସଂସଦରେ ଏହି ବିଧେୟକ ଆଣିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ବିରୁଦ୍ଧରେ ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଦୃଢ଼ ବିରୋଧ କରିବା ସହ ତାଙ୍କର ମନ୍ତବ୍ୟ ପାଇଁ ଗୃହରେ ରାହୁଲ ଗାନ୍ଧୀଙ୍କର କ୍ଷମା ପ୍ରାର୍ଥନା ଦାବି କରିଛନ୍ତି। ଲୋକସଭା ବାଚସ୍ପତି ଓମ୍ ବିର୍ଲା ମଧ୍ୟ ଶ୍ରୀ ଗାନ୍ଧୀଙ୍କୁ କେବଳ ବିଧେୟକ ଉପରେ କହିବାକୁ ଓ କୌଣସି ତଥ୍ୟ ବିନା ଅଭିଯୋଗ ନ ଆଣିବାକୁ ଅନୁରୋଧ କରିଥିଲେ। ଆଲୋଚନା ସମୟରେ ଗୃହରେ ଦୁଇଥର ସ୍ୱଳ୍ପ ସମୟ ପାଇଁ ମୁଲତବୀ ଦେଖିବାକୁ ମିଳିଥିଲା। ବିଧେୟକ ପାରିତ ହେବା ପରେ ଶ୍ରୀ ବିର୍ଲା ଆସନ୍ତାକାଲି ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି।

## ଆରଏସ୍– ନ୍ୟାସନାଲ ଅନର

ରାଜ୍ୟସଭାରେ ଆଜି ଜାତୀୟ ସମ୍ମାନ ଅବମାନନା ପ୍ରତିରୋଧ ସଂଶୋଧନ ବିଧେୟକ– ୨୦୨୬ ପାରିତ ହୋଇଛି। ଏହି ବିଧେୟକ

ଜାତୀୟ ସମ୍ମାନ ଅବମାନନା ପ୍ରତିରୋଧ ଅଧିନିୟମ ୧୯୭୧ରେ ଅଧିକ ସଂଶୋଧନ ପାଇଁ ଉଦ୍ଦିଷ୍ଟ। ପ୍ରସ୍ତାବିତ ଆଇନରେ 'ବନ୍ଦେ ମାତରମ୍'କୁ ଜାତୀୟ ସଂଗୀତ, 'ଜନଗଣମନ' ଭଳି ସମାନ ସାମ୍ବିଧାନିକ ସୁରକ୍ଷା ପ୍ରଦାନ କରିବାକୁ ବ୍ୟବସ୍ଥା କରାଯାଇଛି। ଏହି ବିଲ୍‌ରେ ଜାତୀୟ ସମ୍ମାନ ଅବମାନନା ଅପରାଧ ପାଇଁ ୩ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ, ଜରିମାନା କିମ୍ବା ଉଭୟ ଦଣ୍ଡର ପ୍ରାବଧାନ ରହିଛି।

ବିଧେୟକ ଉପରେ ଚାଲିଥିବା ଆଲୋଚନାର ଉତ୍ତର ରଖି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି, ବିଧେୟକରେ କରାଯାଇଥିବା ସଂଶୋଧନ କେବଳ ଏକ ଆଇନଗତ ପରିବର୍ତ୍ତନ ନୁହେଁ, ଏହା ଭାରତର ଆତ୍ମା, ଜାତୀୟ ଚେତନା, ସାଂସ୍କୃତିକ ଐତିହ୍ୟ ଏବଂ ସ୍ୱାଧୀନତା ସଂଗ୍ରାମର ଆଦର୍ଶ ପ୍ରତି ଆମର ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

**YSRCP** ର ଗୋଲା ବାବୁରାଓ ଗୃହର ସମସ୍ତ ସଦସ୍ୟଙ୍କୁ ଜାତୀୟ ସଂଗୀତକୁ ସମ୍ମାନ ଜଣାଇବାକୁ ଅନୁରୋଧ କରିବା ସହ ବିଧେୟକ ଆଣିଥିବାରୁ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

ବିଧେୟକ  ପାରିତ ହେବା ପରେ ଉଚ୍ଚ ସଦନରେ 'ସ୍ୱତନ୍ତ୍ର ଉଲ୍ଲେଖ' କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ସଦସ୍ୟମାନେ ଜରୁରୀ ଗୁରୁତ୍ୱପୂର୍ଣ୍ଣ

ପ୍ରସଙ୍ଗ ଉତ୍ଥାପନ କରିଥିଲେ। ଏହାପରେ ରାଜ୍ୟସଭାକୁ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି।

# ଏଲ୍‌ଏସ୍-ବୈଷ୍ଣବ କବଚ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଭାରତୀୟ ରେଳବାଇରେ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି ଏବଂ ବିଗତ ବର୍ଷଗୁଡ଼ିକରେ ନିଆଯାଇଥିବା ବିଭିନ୍ନ ସୁରକ୍ଷା ବ୍ୟବସ୍ଥା ଯୋଗୁଁ ଦୁର୍ଘଟଣା ସଂଖ୍ୟାରେ ହ୍ରାସ ଘଟିଛି। ଆଜି ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ବୈଷ୍ଣବ କହିଛନ୍ତି, ବ୍ୟାପକ ଏବଂ ବିସ୍ତୃତ ପରୀକ୍ଷଣ ପରେ ଚଳିତ ମାସ ୨୦ ତାରିଖ ସୁଦ୍ଧା ଅଧିକ ଭିଡ଼ ଥିବା ଦିଲ୍ଲୀ–ମୁମ୍ବାଇ, ଏବଂ ଦିଲ୍ଲୀ-ହାଓ୍ୱଡ଼ା ରୁଟ୍‌ର ୨ ହଜାର ୫୬୯ କିଲୋମିଟରରେ କବଚ ସଂସ୍କରଣ –୪.୦ ସଫଳତାର ସହ କାର୍ଯ୍ୟକ୍ଷମ କରାଯାଉଛି। ଗତ ମାସ ପର୍ଯ୍ୟନ୍ତ କବଚ କାର୍ଯ୍ୟ ପାଇଁ ମୋଟ ୩ ହଜାର ୮୭୪ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୬-୨୦୨୭ ଆର୍ଥିକ ବର୍ଷରେ ୨ ହଜାର ୬୬ କୋଟି ଟଙ୍କା ପାଣ୍ଠି ଆବଣ୍ଟନ ହୋଇଥିବା ନେଇ ଶ୍ରୀ ବୈଷ୍ଣବ ଗୃହକୁ ସୂଚନା ଦେଇଛନ୍ତି।

# ପିଏମ୍– ଜନ ଭାଗିଦାରୀ ମୁଭମେଣ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ରବିବାର ଦିନ ଦେଶବ୍ୟାପୀ ୧୦୦ ସପ୍ତାହର ଜନଭାଗିଦାରୀ ଆନ୍ଦୋଳନ 'ବିକଶିତ ଭାରତ ସଂକଳ୍ପ

ଅଭିଯାନ ପାଇଁ ନିଶା ମୁକ୍ତ ଯୁବସମାଜ'ର ଶୁଭାରମ୍ଭ କରିବେ। ଅଭିଯାନର ନେତୃତ୍ୱ 'ମାଇ ଭାରତ' ପ୍ଲାଟଫର୍ମ ନେବ, ଯାହା ଏକ ଅନଲାଇନ୍ ଯୁବ ନେତୃତ୍ୱ ଓ ସାମାଜିକ ସହଭାଗିତା ପ୍ଲାଟଫର୍ମ। ଯୁବପିଢ଼ିଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କୁ ନେତାଭାବେ ଗଢ଼ି ତୋଳିବା ଏହି ଅଭିଯାନର ଲକ୍ଷ୍ୟ ରହିଛି। ଏହି ଅଭିନବ ପ୍ରୟାସ ସଚେତନତା, ସାମୂହିକ ସହଭାଗିତା ଏବଂ ନିରନ୍ତର ଜନସାଧାରଣଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏକ ନିଶାମୁକ୍ତ ଭାରତ ଗଠନ ପାଇଁ ସାମୂହିକ ଜାତୀୟ ଅଭିଯାନରେ ଯୁବ ନାଗରିକମାନଙ୍କୁ ଏକତ୍ରୀତ କରିବାକୁ ଲକ୍ଷ୍ୟ ରଖିଛି।

ଯୁବବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ସୂଚନା ଅନୁସାରେ, ଏହି ଅଭିଯାନରେ 'ମାଇ ଭାରତ' ସ୍ୱେଚ୍ଛାସେବୀ, ଭାରତ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ, ଯୁବ କ୍ଲବ, ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ୧୨୫ରୁ ଅଧିକ ଆଧ୍ୟାତ୍ମିକ ସଂଗଠନର ଅଭୂତପୂର୍ବ ଅଂଶଗ୍ରହଣ ଦେଖିବାକୁ ମିଳିବ। ଏହା ମାଦକ ଦ୍ରବ୍ୟ ସେବନ ବିରୋଧରେ ଦେଶର ସବୁଠାରୁ ବଡ଼ ଯୁବ ନେତୃତ୍ୱାଧୀନ ଜନଆନ୍ଦୋଳନ ମଧ୍ୟରୁ ଅନ୍ୟତମ ହେବାକୁ ଯାଉଛି। ମନ୍ତ୍ରଣାଳୟ କହିଛି, ଆସନ୍ତା ୧୦୦ ସପ୍ତାହ ପର୍ଯ୍ୟନ୍ତ ପ୍ରତ୍ୟେକ ରବିବାର ଦିନ ସାରା ଦେଶରେ ଯୁବ ନେତୃତ୍ୱାଧୀନ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଯାହା ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବ, ସାମୂହିକ ସହଭାଗିତାକୁ ମଜଭୁତ କରିବ ଏବଂ ଯୁବପିଢ଼ିଙ୍କ ଶକ୍ତିକୁ ରାଷ୍ଟ୍ର ଗଠନ ଦିଗରେ ବ୍ୟବହାର କରିବ।

# ଇଣ୍ଡିଆ– ରେକର୍ଡ ଏକ୍ସପୋର୍ଟ

ଭାରତର ସାମଗ୍ରୀକ ରପ୍ତାନୀ ଆର୍ଥିକ ବର୍ଷ ୨୦୨୫-୨୬ରେ ରେକର୍ଡ ୮୬୩ ଦଶମିକ ୧ ବିଲିୟନ ଆମେରିକୀୟ ଡଲାରେ ପହଁଞ୍ଚିଛି। ସରକାର ସଂସଦକୁ ସୂଚନା ଦେଇ କହିଛନ୍ତି, ଉଭୟ ଦ୍ରବ୍ୟ ଏବଂ ସେବା ରପ୍ତାନୀ କ୍ଷେତ୍ରରେ ଦୃଢ଼ ଅଭିବୃଦ୍ଧି ଓ ଦେଶର ମୁକ୍ତ ବାଣିଜ୍ୟ ଚୁକ୍ତି ଅଧୀନରେ ବଜାର ପ୍ରବେଶର ସମ୍ପ୍ରସାରଣ ଯୋଗୁଁ ଏହି ଅଭିବୃଦ୍ଧି ସମ୍ଭବ ହୋଇପାରିଛି। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅନୁସାରେ, ଦ୍ରବ୍ୟ ରପ୍ତାନୀ ୪୪୧ ଦଶମିକ ୮ ବିଲିୟନ୍ ଡଲାର ଥିବାବେଳେ ସେବା ରପ୍ତାନୀ ୪୨୧ ଦଶମିକ ୩ ବିଲିୟନ ଡଲାରରେ ପହଁଞ୍ଚିଛି। ଯାହା ଦେଶର ରପ୍ତାନୀ ଅଭିବୃଦ୍ଧିକୁ ଆଗେଇ ନେବାରେ ଉଭୟ କ୍ଷେତ୍ରର ମିଳିତ ଶକ୍ତିକୁ ପ୍ରତିଫଳିତ କରୁଛି। ମନ୍ତ୍ରଣାଳୟ କହିଛି,  ବିଶେଷ କରି ସଂଯୁକ୍ତ ଆରବ ଏମିରେଟ୍ସ, ଯୁକ୍ତ ରାଜ୍ୟ, ଅଷ୍ଟ୍ରେଲିଆ, ଓମାନ ଏବଂ ଇ.ଏଫ୍.ଟି.ଏ ଦେଶଗୁଡ଼ିକ ସହିତ ଭାରତର ସାମ୍ପ୍ରତିକ ବାଣିଜ୍ୟ ଚୁକ୍ତିନାମାଗୁଡ଼ିକ ରପ୍ତାନୀ ସୁଯୋଗକୁ ଯଥେଷ୍ଟ ବୃଦ୍ଧି କରିଛି।

# ପ୍ରେଜ୍- ଆର୍ଟିଷ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଭାରତୀୟ ପାରମ୍ପରିକ କଳା କ୍ଷେତ୍ରର ଏକ କଳାକାର ଦଳଙ୍କୁ ଭେଟିଛନ୍ତି। ବନାରସ ମୁରାଲ, ଥାଙ୍ଗକା, ନାୟକା, କେରଳ ମୁରାଲ, ବାସୋହଲି, ସୁରପୁର ଏବଂ ମୈସୂର ଭଳି ବିଭିନ୍ନ

କଳାର ପ୍ରତିନିଧିତ୍ୱ କରୁଥିବା ୧୨ ଜଣ କଳାକାର 'ଆର୍ଟିଷ୍ଟ ଇନ୍ ରେସିଡେନ୍ସ' କାର୍ଯ୍ୟକ୍ରମ ଅଧୀନରେ ରାଷ୍ଟ୍ରପତି ଭବନରେ ରହୁଛନ୍ତି। ଏହି କାର୍ଯ୍ୟକ୍ରମ ହେଉଛି ଭାରତର କଳାତ୍ମକ ପରମ୍ପରାର ଏକ ମହୋତ୍ସବ।

## ପ୍ରେଜ୍- ଆର୍ଟିଷ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଭାରତୀୟ ପାରମ୍ପରିକ କଳା କ୍ଷେତ୍ରର ଏକ କଳାକାର ଦଳଙ୍କୁ ଭେଟିଛନ୍ତି। ବନାରସ ମୁରାଲ, ଥାଙ୍ଗକା, ନାୟକା, କେରଳ ମୁରାଲ, ବାସୋହଲି, ସୁରପୁର ଏବଂ ମୈସୂର ଭଳି ବିଭିନ୍ନ କଳାର ପ୍ରତିନିଧିତ୍ୱ କରୁଥିବା ୧୨ ଜଣ କଳାକାର 'ଆର୍ଟିଷ୍ଟ ଇନ୍ ରେସିଡେନ୍ସ' କାର୍ଯ୍ୟକ୍ରମ ଅଧୀନରେ ରାଷ୍ଟ୍ରପତି ଭବନରେ ରହୁଛନ୍ତି। ଏହି କାର୍ଯ୍ୟକ୍ରମ ହେଉଛି ଭାରତର କଳାତ୍ମକ ପରମ୍ପରାର ଏକ ମହୋତ୍ସବ।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା

ଗ୍ଲାସ୍‌ଗୋଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଷଷ୍ଠ ଦିନରେ ଭାରତୀୟ ମହିଳା ମୁଷ୍ଟିଯୋଦ୍ଧା ସାକ୍ଷୀ ଚୌଧୁରୀ ଦେଶ ପାଇଁ ଆଉ ଏକ ପଦକ ସୁନିଶ୍ଚିତ କରିଛନ୍ତି। ମହିଳା ୫୧ କିଲୋଗ୍ରାମ ବର୍ଗର କ୍ୱାର୍ଟର ଫାଇନାଲରେ ସାକ୍ଷୀ ଉତ୍ତର ଆୟରଲାଣ୍ଡର କେଟଲିନ୍ ଫ୍ରାୟର୍ସଙ୍କୁ ୫-୦ ପଏଣ୍ଟରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଭାରତ ଦୁଇଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଏବଂ ୩ଟି ବ୍ରୋଞ୍ଜ ପଦକ ସହ ମୋଟ ୧୨ଟି ପଦକ ହାସଲ କରିଛି।

# ପିଓଜେକେ ଅପଡେଟ୍

ପାକିସ୍ତାନ ଅଧିକୃତ ଜାମ୍ମୁ ଓ କାଶ୍ମୀରରେ କ୍ରମାଗତ ଭାବେ ଅଶାନ୍ତି ବୃଦ୍ଧି ପାଉଥିବା ବେଳେ ଅଧିକୃତ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନକାରୀଙ୍କ ଉପରେ ପାକିସ୍ତାନ ସେନା ଦ୍ୱାରା ଗୁଳିଚାଳନା ରିପୋର୍ଟ ପରେ ଏକ ମାନବାଧିକାର ସଂଗଠନ ମିଳିତ ଜାତିସଂଘର ମାନବାଧିକାର ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟକୁ ହସ୍ତକ୍ଷେପ କରିବାକୁ ନିବେଦନ କରିଛି। ପାକିସ୍ତାନୀ ସେନାର ଗୁଳିଚାଳନାରେ ୪୦ରୁ ଅଧିକ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି ଏବଂ ଅନେକ ଆହତ ହୋଇଛନ୍ତି। ଏକ ଜରୁରୀ ନିବେଦନରେ ପାକ୍ ଅଧିକୃତ ଜାମ୍ମୁ ଓ କାଶ୍ମୀର ଭିତ୍ତିକ ମାନବାଧିକାର ସଂଗଠନ ଦର୍ଶାଇଛି, ଜୁଲାଇ ୨୭ ତାରିଖରେ ଜଏଣ୍ଟ ଆୱାମୀ ଆକ୍ସନ କମିଟି ଦ୍ୱାରା ଆୟୋଜିତ ଶାନ୍ତିପୂର୍ଣ୍ଣ ପଦଯାତ୍ରା ରାୱଲାକୋଟରୁ ମୁଜାଫରାବାଦ ଅଭିମୁଖେ ପୁନର୍ବାର ଆରମ୍ଭ ହେବା ପରେ ଏହି ହତ୍ୟାକାଣ୍ଡ ଘଟିଛି। ଏକ ନାଗରିକ ସମାଜ ସଂଗଠନକୁ ଅପରାଧି ଭାବେ ଦର୍ଶାଇବା ଏବଂ ସଭାସମିତି ଉପରେ କଠୋର ପ୍ରତିବନ୍ଧକ ଲଗାଇବା, ଅଭିବ୍ୟକ୍ତିର ସ୍ୱାଧୀନତା, ଶାନ୍ତିପୂର୍ଣ୍ଣ ସମାବେଶ ଏବଂ ସଂଗଠନ ଗଠନର ଅଧିକାର ଉଲ୍ଲଙ୍ଘନକୁ ନେଇ ଗଭୀର ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଏକ ବିବୃତିରେ ମିଳିତ ଜାତିସଂଘର ମାନବାଧିକାର ଉଚ୍ଚାୟୁକ୍ତଙ୍କ ମୁଖପାତ୍ର ଜେରେମି ଲରେନ୍ସ କହିଛନ୍ତି।